ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ସେପ୍ଟେମ୍ବର ୧୯/୨୦୧୯ Rayagada, Thursday, September 19 / 2019

## ସଂକ୍ଷେପରେ

### ଗଜାନନଙ୍କୁ ବିଦାୟ

**କଲ୍ୟାଣସିଂହପୁର, ୧୮।୯ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କଲ୍ୟାଣସିଂହ ବ୍ଲକ ଶିକରପାଇ ପଞ୍ଚାୟତ ଅଧୀନ ସ୍ଥାନୀୟ ସ୍ୱର୍ଗଦ୍ୱାର ସାହି-୧ରେ ଆୟୋଜିତ ଗଜାନନଙ୍କର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂଜାରେ କମିଟି ସଦସ୍ୟମାନେ ଅନ୍ନଦାନ, ରକ୍ତଦାନ ତଥା ବସ୍ତ୍ରଦାନ କରିଥିଲେ। ଏହି ଅବସରରେ ଶିକରପାଇ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜିତ ଗିରି, ବନପାଳ ଏନ୍.ଡି. ଶର୍ମା, ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପ ବଛା, ଫାର୍ମାସିଷ୍ଟ ଅମିତ୍ ମଲିକ ଓ କ୍ଷୁଦ୍ର ଚଳଚ୍ଚିତ୍ର କଳାକାର ସୁପ୍ରୀତ ବିଛାଙ୍କୁ ସେମାନଙ୍କ ସମାଜ ପ୍ରତି ତଥା କଲ୍ୟାଣସିଂହପୁର ବ୍ଲକ ପ୍ରତି ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଶେଷରେ ଗଣେଶଙ୍କ ଲଡୁକୁ ନିଲାମ କରାଯାଇଥିଲା । ଏହାକୁ ସନ୍ତୋଷ କୁମାର ୩୧୧୫ ଟଙ୍କାରେ କ୍ରୟ କରିଥିଲେ।

### ଶିଶୁର ମୃତଦେହ ଉଦ୍ଧାର

**ବିଷମ କଟକ,୧୮।୯:** ରାୟଗଡା ଜିଲା ବିଷମକଟକ ମହକୁମାର ଗେଟ ନାଳ ନିକଟରେ ବୁଧବାର ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଅପରାହ୍ନରେ ନାଳରେ କେତେକ ଯୁବକ ଗାଧୋଉଥିବା ବେଳେ ଏହି ଶିଶୁ ପୁତ୍ରର ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ । କେଉଁ ପରିସ୍ଥିତିରେ ଉକ୍ତ ଶିଶୁ ପୁତ୍ରଟିର ମୃତଦେହ ନାଳ ନିକଟକୁ ଆସିଲା ତାର ତଦନ୍ତ ଚଳାଇଛି ବିଷମକଟକ ପୋଲିସ୍ ।

### ସ୍ୱଚ୍ଛତା ଲାଗି ଶପଥ

**ରାୟଗଡ଼ା ଅଫିସ,୧୮।୯:** ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛ ପକ୍ୱାଡ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଡ଼.ରେବା ପାତ୍ର ଏବଂ ଏନସିସି ଅଧ୍ୟାପିକା କ୍ୟାପଟେନ ରୀତାରାଣୀ ମିଶ୍ରଙ୍କ ସମେତ ଏନ୍‌ସିସି କ୍ୟାଡ଼େଟମାନେ ସାମିଲ ହୋଇଥିଲେ। ପରେ ସ୍ୱଚ୍ଛତା ନେଇ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ୧୫ ଦିନ ଧରି ଚାଲିବ । ଏଥିରେ ବିଭିନ୍ନ ପ୍ରତିମୂର୍ତ୍ତିକୁ ସଫା କରିବା ସହ ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିସହିତ ବିଭିନ୍ନ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ ।

■ ଜାତୀୟ ମହିଳା କମିଶନ ସଦସ୍ୟାଙ୍କ ରାୟଗଡ଼ା ଗସ୍ତ

# ବିଭିନ୍ନ ଯୋଜନାର କଲେ ସମୀକ୍ଷା

**ରାୟଗଡ଼ା ଅଫିସ, ୧୮।୯**



ବୈଠକରେ ଜାତୀୟ ମହିଳା କମିଶନ ସଦସ୍ୟା ଓ ଅନ୍ୟମାନେ।

ଜାତୀୟ ମହିଳା କମିଶନ ସଦସ୍ୟା ଚନ୍ଦ୍ରମୁଖୀ ଦେବୀ ବୁଧବାର ଦିନିକିଆ ରାୟଗଡ଼ା ଗସ୍ତରେ ଆସିଥିଲେ । ଜିଲାରେ ଚାଲିଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ଏହାର ସମୀକ୍ଷା ସ୍ଥାନୀୟ ଡ଼ିଆରଡ଼ିଏ ସଭାଗୃହରେ କରିଥିଲେ । ଏନେଇ ଜିଲାରେ କାର୍ଯ୍ୟରତ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଜିଲାରେ ଚାଲିଥିବା ୱାନ ଷ୍ଟପ ସେଣ୍ଟର, ଛାତ୍ରୀ ନିବାସ, ଡ଼ିଡ଼ିୟୁଜିକେୱାଇ,ସ୍ୱାଧାର ଗୃହ, ମା'ଜିଏମଏଚ୍ ଓ୍ୱାର୍ଲ୍ଡ ଏଜ୍ ହୋମ୍ ବିଶେଷ କରି ରାୟଗଡ଼ା ଜିଲାର ବାଲ୍ୟ ବିବାହ ଭଳି ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଜିଲାରେ ବାଲ୍ୟ ବିବାହ ମୁଖ୍ୟ ସମସ୍ୟା। କିନ୍ତୁ ଜିଲା ପ୍ରଶାସନର ବାଲ୍ୟ ବିବାହକୁ ରୋକିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ପୀଡ଼ିତା ନାରୀମାନଙ୍କ କ୍ଷତି ପୂରଣର ଯୋଜନା କିପରି ଚାଲିଛି , କର୍ମ କ୍ଷେତ୍ରରେ ମହିଳାଙ୍କୁ ନିର୍ଯାତନା, ଶୋଷିତ ମହିଳାମାନଙ୍କୁ କି ପ୍ରକାର ଥଇଥାନ କରାଯାଇଛି ସେନେଇ ମଧ୍ୟ ସମୀକ୍ଷା କରିଥିଲେ। ପରେ ସେ ୱାନ ଷ୍ଟପ ସେଣ୍ଟର, ଏକଲବ୍ୟ ମଡ଼େଲ ସ୍କୁଲ, ବୃଦ୍ଧାଶ୍ରମ ଓ ପିତାମହଲଠାରେ ଥିବା ସିଲେଇ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ । ଏହି ସମୀକ୍ଷା ବୈଠକରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍, ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଗୁଣୁପୁର ଉପ ଜିଲାପାଳ ବି.ଏସ୍ ବଳିରାମ, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ,ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ସମନ୍ୱୟ ଆଦିବାସୀ ବିକାଶ ପ୍ରକଳ୍ପ ଅଧିକାରୀ ଟୁକୁ ବାରିକ , ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରୁତୁରାଜ,ବରିଷ୍ଠ କ୍ଷେତ୍ରାଧିକାରୀ ତଥା ରାଷ୍ଟ୍ରୀୟ ମହିଳା କମିଶନ ସଦସ୍ୟା ବିଜୟ ବାରୱା, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ସ୍ୱାଇଁଙ୍କ ସମେତ ଆଇସିଡ଼ିଏସ ସଂସ୍ଥାର ସିଡ଼ିପିଓ, ଏନଜିଓ ସଦସ୍ୟ ଉପସ୍ଥିତ ଥିଲେ ।


ସମ୍ମିଳନୀରେ ମଜଦୁର ସଭାର ସଦସ୍ୟମାନେ।

# ଅଖିଳ ଭାରତୀୟ କ୍ଷେତ ମଜଦୁର ସଭା ସମ୍ମିଳନୀ

**ପଦ୍ମପୁର, ୧୮।୯ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ତେମ୍ବାଗୁଡା ପଞ୍ଚାୟତ ଅଧୀନ ମିଲିକାପାଙ୍ଗା ଗ୍ରାମରେ ସିପିଆଇ (ଏମ୍‌ଏଲ୍) ଲିବରେଶନ୍‌ର ଛାମୁଆ ସଙ୍ଗଠନ ଅଖିଳ ଭାରତୀୟ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ କଳା ଆଇନ୍ ବିରୋଧ ଏବଂ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଉପରେ ଆଲୋଚନା ହୋଇଥିଲା। କ୍ଷେତ୍ ମଜଦୁରମାନଙ୍କୁ କେନ୍ଦ୍ରୀୟ ଆଇନ୍‌ଭୁକ୍ତ କରିବା, ଶ୍ରମିକଙ୍କୁ ୨ ଶହ ଦିନିଆ କାର୍ଯ୍ୟ ସହ ୫ ଶହ ବର୍ଦ୍ଧିତ ମଜୁରି, ସମସ୍ତଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ସମସ୍ତ ରାଶନ କାର୍ଡଧାରୀଙ୍କୁ ବିନା ପଟ୍ଟାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଶନ କାର୍ଡ ପ୍ରତି ୫୦ କେଜି ଚାଉଳ ପ୍ରଦାନ ଆଦି ଦାବି ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡ଼ିକା, ସୋମନାଥ ମାଝି, ଅର୍ଜୁନ ଶବର, ଭରତ ଶବରଙ୍କ ସହ ବହୁ କର୍ମୀ ଯୋଗ ଦେଇଥିଲେ। ପରେ ସଭା ସଭାପତି ଭାବେ ପ୍ରଭାକର ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଅଖିଳ ଭାରତ କ୍ଷେତ ମଜଦୁର ଗ୍ରାମୀଣ ତରଫରୁ ପଦ୍ମପୁର ବ୍ଲକର ୧୬ ଜଣଙ୍କୁ ନେଇ କମିଟି ଗଠନ କରାଯାଇଥିଲା।

# ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ


ଭଲିବଲ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଛାତ୍ରମାନେ।

**ରାୟଗଡ଼ା ଅଫିସ,୧୮।୯**

ଜିସିଡି ସ୍କୁଲ ପଡ଼ିଆଠାରେ ବୁଧବାର ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାୟଗଡ଼ା ଜିଲାର ୧୧ ଟି ବ୍ଲକରୁ ୧୫୦ ଜଣ ଖେଳାଳି ଅଂଶ ଗ୍ରହଣ କରିଛନ୍ତି । ଏଥିରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ୧୪ ବର୍ଷରୁ କମ୍ ବାଳକ ଅଂଶ ଗ୍ରହଣ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜିଲା ବ୍ଲକ ଅଧିକାରୀ ରଜନୀକାନ୍ତ ସାମନ୍ତରାୟ, ଜିଲା ସାଥନ୍ସ ସୁପରଭାଇଜର ମନୋଜ କୁମାର ଗଉଡ଼, ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲିନୁର ପ୍ରମୁଖ ଉପସ୍ଥିତ ଥିଲେ । ଏହାକୁ ସୁଧୀର କୁମାର ସ୍ୱାଇଁ, ଗୌରୀପ୍ରସାଦ ସାହୁ,ସୁନୀଲ କୁମାର ମହାନ୍ତ ,ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ । ୧୪ ବର୍ଷରୁ କମ୍ ବାଳକ ରେ ୧୨ ଜଣ ଏବଂ ୧୭ ବର୍ଷରୁ କମ୍ ବାଳିକା ରେ ୧୨ ଜଣ ଓ ୧୭ ବର୍ଷରୁ କମ ବାଳକ ରେ ୧୨ ଜଣ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ୨୫ ତାରିଖରେ ଗଜପତି ଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ଜଙ୍ଗଲଜାତ ସାମଗ୍ରୀକୁ ନେଇ କର୍ମଶାଳା

**ଗୁଣପୁର,୧୮।୯(ଡି.ଏନ.ଏ)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ବୁଡୁବାଲି ପଞ୍ଚାୟତର ଗେଡାବାଦ୍ରୀ ଗ୍ରାମରେ ଜଙ୍ଗଲ ଜାତ ସାମଗ୍ରୀକୁ ନେଇ ରୋଜଗାର ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ ଅଧୀନ ଅନୁସୂଚିତ ଜନଜାତି ସଶକ୍ତୀକରଣ ଓ ଜିବୀକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ ଏବଂ ଆଇଟିଡିଏ ଗୁଣପୁର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚନ୍ଦ୍ରପୁର ୟୁନିଟ ତରଫରୁ ମା' ବନଦୁର୍ଗା ଜଳବିଭାଜିକା ଗ୍ରାମ୍ୟ ଉନ୍ନୟନ ସମିତି ଆନୁକୂଲ୍ୟରେ ଜଙ୍ଗଲ ଜାତ ଦ୍ରବ୍ୟକୁ ନେଇ କିପରି ରୋଜଗାରକ୍ଷମ କରାଯାଇ ପାରିବ ସେନେଇ ତାଲିମ ଦିଆଯାଇଥିଲା। ଏଥିରେ ଡାଙ୍ଗସୋରଡା ବନ ବିଭାଗ ଅଧିକାରୀ ଜୟଦେବ ନାୟକ ବେହେରା, ଡମ୍ବରୁ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଲିମ ଦେଇଥିଲେ । କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଜଙ୍ଗଲ ବିଭାଗ ସ୍ନାତକ ଛାତ୍ରମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

■ ଆନ୍ତଃରାଜ୍ୟ ରୋବୋଟିକ୍ସ ପ୍ରତିଯୋଗିତା

# ଜିଆଇଇଟି ଛାତ୍ର ପୁରସ୍କୃତ


ଓଡିଶାରୁ ଭାଗ ନେଇଥିବା ପ୍ରତିଯୋଗୀ ଟ୍ରଫି ସହ ।

**ଗୁଣପୁର,୧୮।୯(ଡି.ଏନ.ଏ)**

ଆନ୍ତଃରାଜ୍ୟ ବୈଷୟିକ ଶିକ୍ଷାନୁଷ୍ଠାନକୁ ନେଇ ରୋବୋଟିକ୍ସ ପ୍ରତିଯୋଗିତା ଗୁଆହାଟଠାରେ ଟେକ୍ନୋ ମ୍ୟାନେଜମେଣ୍ଟ ଫେଷ୍ଟିଭାଲ-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶାର ଭିଜନ ବଟ ଦଳ ଚାମ୍ପିୟନ ହୋଇଛନ୍ତି । ଏହି ୪ ଜଣିଆ ଦଳରେ ଜିଆଇଇଟି ଗୁଣପୁର ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରେମାନନ୍ଦ ଜେନା ସାମିଲ ହୋଇଥିଲେ । ଅନ୍ତିମ ମ୍ୟାଚ ତାମିଲାନାଡୁର ଡି.ଏସ. ରୋବୋଟିକ୍ସ ଏବଂ ଓଡିଶାର ଭିଜନ ବଟ ଦଳ ମଧ୍ୟରେ ହୋଇଥିଲା । ଏଥିରେ ଭିଜନ ବଟ ଦଳ ଚାମ୍ପିୟନ ହୋଇଥିଲା । ଏହି ଚାମ୍ପିୟନ ଦଳକୁ କାର୍ଯ୍ୟକ୍ରମ ଆବାହକ ସୁରଜ ସିଲକି ନଗଦ ୬୦ ହଜାର ଟଙ୍କା ସହ ସିଲ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ଜିଆଇଇଟିର ଛାତ୍ର ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବାରୁ ଅନୁଷ୍ଠାନ ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ଉପାଧ୍ୟକ୍ଷ ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା, କୁଳପତି ଗୌତମ ଘୋଷ, ରେଜିଷ୍ଟ୍ରାର ଡ.ଏନ.ଭି.ଜେ.ରାଓ, ପ୍ରିନ୍ସପାଲ କେ.ସେନ୍ଥିଲ କୁମାର ପ୍ରମୁଖ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଚନ୍ଦ୍ରପୁର,୧୮।୯(ଡ଼ି.ଏନ.ଏ)**

ଚନ୍ଦ୍ରପୁରଠାରୁ ମାତ୍ର ୫ କିମି ଦୂର ମୁନାର ଗାଁ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଗଣ ବିଭାଗର(୩୫)। ସେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଯୋଗେ ମୁନିଗୁଡ଼ା ଯାଉଥିଲେ । ମୁନାର ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସି ପଡ଼ିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।




# ସରିଲା ଟିକିରି ବାଲିଯାତ୍ରା

**ଟିକିରି,୧୮।୯(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତସ୍ଥିତ ମା ଭୈରବୀ ବାଲିଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର କାଶୀପୁର ମାଇକଞ୍ଚ, ଚପାପୋଡି, ଟିକିରି ଭଳି ଅନ୍ୟ ଗ୍ରାମରେ ଆୟୋଜିତ ବାଲିଯାତ୍ରା ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି । ଏଥିରେ ପ୍ରଥମ ଦିନ ମା' ଅଗ୍ନିଭୈରବୀ ମନ୍ଦିରରରୁ ବାହାରି ପୂଜକ ନିକଟସ୍ଥ ଗୋକୁଳ ମୁଣ୍ଡା ନାଳକୁ ଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ନାଳରୁ ବାଲି ଅଣାଯାଇ ମନ୍ଦିର ଭିତରେ ରଖି ବିଭିନ୍ନ ପ୍ରକାର ବିହନ ପକାଯାଇଥିଲା। ସେହି ବାଲି ଚାଙ୍ଗୁଡିରେ ପ୍ରତିଦିନ ପୂଜା କରାଯାଇ ପାଣି ପକାଯାଇଥିଲା। ପ୍ରତିଦିନ ମା'ଙ୍କର ଖଣ୍ଡା ଓ ଚାଙ୍ଗୁଡି ଧରି ପୂଜକମାନେ ବାଜା ବଜାଇ ବିଭିନ୍ନ ସାହି ବୁଲି ଭକ୍ତମାନଙ୍କୁ ଆର୍ଶୀବାଦ ଦେଇଥିଲେ। ବାଲିଯାତ୍ରାରେ ମୀନାବଜାର ସହିତ ବିଭିନ୍ନ ଦୋକାନ ପସରା ମେଲାଇଥିଲେ। ମଙ୍ଗଳବାର ମୁଖ୍ୟପୂଜକ କଣ୍ଟାଦୋଳିରେ ଝୁଲିଥିବାବେଳେ ଶେଷଦିନରେ ମୁଖ୍ୟପୂଜକ ରାଜେଶ ପୂଜାରୀ ନିଆଁରେ ଚାଲିଥିଲେ। ଜାମୁଗୁଡା, ତୋଟାଗୁଡା, ଡୁଡୁକା ବାହଲ, ଗୋରଖପୁର, ହରିଦାସପୁର, ରମଗୁଡା, ମଇଲିଗୁଡା, କାଳିଆପଡା, ଗୋକୁଲମୁଣ୍ଡା ଓ ଓଷାପଡା ଭଳି ଅନେକ ଗ୍ରାମରୁ ଭକ୍ତମାନେ ନଡିଆ, କଦଳି ଧୂପକାଠି ସହିତ କୁକୁଡା, ଛେଳି, ପାରା ଆଦି ଆଣି ବଳି ପକାଇଥିଲେ। ଗ୍ରାମ ଭ୍ରମଣ ସରିଲା ପରେ ସନ୍ଧ୍ୟାରେ ନିକଟସ୍ଥ ଜାମୁଗୁଡା ଗୁଡିରେ ମାଟିକଳସକୁ ନେଇ ପୂଜା କରିଥିଲେ। ପଞ୍ଚାନନ ସାହୁ, ହରିହର ମିଶ୍ର, ବିଶ୍ୱନାଥ ପୂଜାରୀ, ଅମିତ ନାୟକ, ବିଦ୍ୟାଧର ନାୟକ, ରମେଶ ପୂଜାରୀ ପରିଚାଳନାରେ ସହଯୋଗ କରିଥିଲେ ।


ଜଣେ ପୂଜକ ନିଆଁରେ ଚାଲୁଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ